**ବିଦ୍ୟୁତ୍‌ତାର ଛିଣ୍ଡି ଯୁବକ ମୃତ**

ଉମରକୋଟ,(ସ୍ୱ.ପ୍ର.)- ରାସ୍ତାରେ ଯାଉଥିବା ସମୟରେ ବିଦ୍ୟୁତ୍ ଆଘାତରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତ ସେମଲିଗଦରା ଗ୍ରାମର ରାଜେନ୍ଦ୍ର ଗଣ୍ଡ(୧୯)। ସେ ଏକ ଟ୍ରାକ୍ଟର ଡାଲାରେ ବସି ଗ୍ରାମ ନିକଟ ଖାଣ୍ଡା ଗ୍ରାମକୁ ଯାଉଥିଲେ। ଏହି ସମୟରେ ସେମଲିଗଦରା ଓ ଖାଣ୍ଡା ଗ୍ରାମର ମଝିରେ ଥିବା ବିଦ୍ୟୁତ୍ ତାର ହଠାତ୍ ଛିଣ୍ଡି ରାଜେନ୍ଦ୍ରଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ରାଜେନ୍ଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରିଥିଲା

## ଟଙ୍କା ନେଇ ବର୍ଷକ ପରେ ରସିଦ ଦେବା ଘଟଣାରେ ବନପାଳଙ୍କୁ ବଦଳି

ଉମରକୋଟ(ସ୍ୱପ୍ର)୨୧/୦୪

ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ନେଇ ବର୍ଷକ ପରେ ରସିଦ ଦେବା ଘଟଣାରେ ବନପାଳଙ୍କୁ ବଦଳି କରାଯାଇଛି। ବନ ବିଭାଗର ଅଧିକାରୀ ଟଙ୍କା ନେଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଜିଲା ବନାଞ୍ଚଳ ଅଧିକାରୀ ପ୍ରଶନ୍ନ କୁମାର ବେହେରା ଉମରକୋଟ ରେଞ୍ଜର ଅସିତ କୁମାର ସାହୁଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ରିପୋର୍ଟ ପାଇବା ପରେ ବନପାଳ କାମାକ୍ଷା ପ୍ରସାଦ ସ୍ୱାଇଁଙ୍କୁ ସେଠାରୁ ବଦଳି କରାଯାଇଛି। ସିଂସାରି ସେକ୍ସନ ବନପାଳ କାମାକ୍ଷା ପ୍ରସାଦ ସ୍ୱାଇଁଙ୍କୁ ରାଇଘର ବନାଞ୍ଚଳ ଗୋନା ସେକ୍ସନ ବନପାଳ ଭାବେ ବଦଳି କରାଯାଇଛି। ସେହିପରି ତୋହରା ସେକ୍ସନ ଲମ୍ବୋଧର ସମରଥଙ୍କୁ ସିଂସାରି ବନପାଳ ଓ ଗୋନା ସେକ୍ସନର ବନପାଳ ହର ମାଝୀଙ୍କୁ ତୋହରା ସେକ୍ସନକୁ ବଦଳି କରାଯାଇଛି। ସୂଚନା ଅନୁଯାୟୀ ଉମରକୋଟ ବନଖଣ୍ଡ ଅଧିନ ସିଂସାରି ବିଟ ଅଧିନରେ ଦନ୍ଦୀବେଡା ଗ୍ରାମର ଜଣେ ବ୍ୟକ୍ତିଙ୍କ କେସ୍ ସମାଧାନ ପାଇଁ ୨୦୦୦ ଟଙ୍କା ନେଇଥିଲେ। କିନ୍ତୁ ରସିଦ କାଟି ନଥିଲେ। ଟଙ୍କା ନେବାର ଭିଡିଓ ଏକ ବର୍ଷ ପରେ ଭାଇରାଲ ହେବା ପରେ ବନପାଳ ସ୍ୱାଇଁ ରେଞ୍ଜରଙ୍କ ଦୃଷ୍ଟିକୁ ନଆଣି ଅଫେନ୍ସ ରେଜିଷ୍ଟରରେ ଚଞ୍ଚକତା କରି ଉକ୍ତ ବ୍ୟକ୍ତିଙ୍କ ନାମୁ ଲେଖି ଦେଇଥିଲେ । ଗତ ତାରିଖରେ ୨୦୦୦ ଟଙ୍କାର ରସିଦ କାଟି ବ୍ୟକ୍ତି ଜଣକୁ ଦେଇଥିଲେ। ଅଫେନ୍ସ ରେଜିଷ୍ଟ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଫାଇଲ ହୋଇ ଥିବା ବେଳେ ବନପାଳ ସ୍ୱାଇଁଙ୍କୁ ଘଣ୍ଟି ଘୋଡାଇବାକୁ ସେଥିରେ ମଧ ଚଞ୍ଚକତା କରାଯାଇଛି।

## ଡକାୟତି ଅଭିଯୋଗରେ ୪ ଯୁବକ ଗିରଫ

ଝରିଗାଁ,୨୧।୪(ସ୍ୱ.ପ୍ର.)

ଡକାୟତି ଅଭିଯୋଗରେ ଝରିଗାଁ ପୋଲିସ ଶୁକ୍ରବାର ୪ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସାମିଲ ଥିବା ଆଉ ୪ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଛି। ଗିରଫ ଯୁବକମାନେ ହେଲେ ଝରିଗାଁ ଅଞ୍ଚଳର ଅରୁଣ ଗୌଡ଼, ଉମରକୋଟ ଅଞ୍ଚଳର ମାନସ ହରିଜନ, ଦୁର୍ଗା ମାଝୀ ଓ ସନ୍ତୋଷ ଖମାରୀ। ଝରିଗାଁ ଥାନା ଅନ୍ତର୍ଗତ ବାହାରକରମାରୀ ଗ୍ରାମର ଜିତେନ୍ଦ୍ର ମହାନ, ତାଙ୍କ ସାଙ୍ଗ ପିଣ୍ଟୁ ଛାତ୍ରୀଆ ଏବଂ ରୁକଧର ଛାତ୍ରୀଆ ଗତ ୧୭ ତାରିଖ ରାତିରେ ଝରିଗାଁ ଠାକୁରାଣୀ ଯାତ୍ରା ଦେଖି ଫେରୁଥିବା ବେଳେ ଅଭିଯୁକ୍ତମାନେ ପହଞ୍ଚି ସେମାନଙ୍କୁ ଭୟଭୀତ କରିଥିଲେ। ସେମାନେ ଜିତେନ୍ଦ୍ରଙ୍କ ଫୋନ, ୨ହଜାର ୨ଶହ ଟଙ୍କା ଏବଂ ରୁପା ଚେନ ଛଡାଇ ନେଇଥିଲେ। ଏ ନେଇ ଜିତେନ୍ଦ୍ରଙ୍କ ବାପା ରଘୁନାଥ ମହାନନ୍ଦ ଗୁରୁବାର ଝରିଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ତପନ କୁମାର ପତି ଘଟଣାର ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି।

# ପାଠ୍ୟ ପୁସ୍ତକରେ ରହୁ ଡ.ସଦାଶିବ ତ୍ରିପାଠୀଙ୍କ ଆତ୍ମଜୀବନୀ

### ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୧୧୩ ତମ ଜୟନ୍ତୀ ପାଳିତ

ନବରଙ୍ଗପୁର,୨୧।୪(ବି.ପ୍ର.)


ମଞ୍ଚାସୀନ ଅତିଥିମାନେ ।

ନବରଙ୍ଗପୁର ମାଟିର ଯୋଗ୍ୟ ସନ୍ତାନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ୧୧୩ତମ ଜୟନ୍ତୀ ନବରଙ୍ଗପୁର ଜିଲା ପ୍ରଶାସନ ତରଫରୁ ପାଳନ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପାର୍କ ସ୍ଥିତ ଡକ୍ଟର ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ,ସମ୍ମାନିତ ଅତିଥି ଭାବେ ବିଧାୟକ ସଦାଶିବ ପ୍ରଧାନୀ, ଆରକ୍ଷୀ ଅଧୀକ୍ଷକ ଏସ ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, କେଦାରନାଥ ତ୍ରିପାଠୀ, ଡକ୍ଟର ବିଜୟ କୁମାର ମିଶ୍ର, ବିଜୟ କୁମାର ଚୌଧୁରୀ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମାଝୀ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଧାନୀ, କେଦାରନାଥ ତ୍ରିପାଠୀ, ମୁନ୍ନା ତ୍ରିପାଠୀ, ନିରଞ୍ଜନ ମିଶ୍ର, ବିଜୟ ଚୌଧୁରୀ, ଜେମାମଣି ବିଶୋଇ, ବକ୍ତା ଭାବେ ଡକ୍ଟର ବିଜୟ ମିଶ୍ର ଯୋଗଦେଇ ଡକ୍ଟର ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟ ଅତିଥି ମାଝୀ ତାଙ୍କ ବକ୍ତବ୍ୟରେ ସଦାଶିବ ତ୍ରିପାଠୀଙ୍କ ଆଦର୍ଶ, ସରଳ, ନିଷ୍ଠା,ତ୍ୟାଗ ଜୀବନୀ ଉପରେ କହି ଯୁବପିଢ଼ି, ଛାତ୍ରଛାତ୍ରୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଧାନି ତାଙ୍କ ବକ୍ତବ୍ୟରେ ଡକ୍ଟର ସଦାଶିବ ତ୍ରିପାଠୀ କିପରି ଶିକ୍ଷକ ଚାକିରୀ ଛାଡି ଇଂରେଜ ବିରୋଧରେ ଲଢ଼େଇ କରି ଜେଲ ଯିବା ସହିତ ରାଜ୍ୟ ରାଜନୀତିରେ ସୁନାମ ଅର୍ଜନ କରି ମୁଖ୍ୟମନ୍ତ୍ରୀ ହୋଇପାରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତା ଡକ୍ଟର ମିଶ୍ର, ଡକ୍ଟର ତ୍ରିପାଠୀଙ୍କ ଆଦର୍ଶ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ଆଦର୍ଶ ଜୀବନୀ ବିଦ୍ୟାଳୟ ପାଠ୍ୟ ପୁସ୍ତକରେ ସ୍ଥାନ ପାଇଲେ ଛାତ୍ରଛାତ୍ରୀ ତାଙ୍କ ବିଷୟରେ ଅଧିକ ଜାଣିବା ପାଇଁ ସୁଯୋଗ ପାଇପାରନ୍ତେ ,ଏଥିପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଇଥିଲା। ଏସବୁ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିରାମ ହରିଜନ,ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତି, ମନୋଜ କୁମାର ପଟ୍ଟନାୟକ, ଦିଲୀପ କୁମାର ମଲ୍ଲିକ, ଶିକ୍ଷକ,ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ,ବରିଷ୍ଠ ନାଗରିକ, ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ସ୍ମାରକପତ୍ର

ନବରଙ୍ଗପୁର,୨୧।୪(ବି.ପ୍ର.)

ନବରଙ୍ଗପୁର ଜିଲା ସ୍ତରୀୟ ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ଦାସ ଏବଂ ସଂଯୋଜକ ଏମ ବାଲକୃଷ୍ଣ ରାଓଙ୍କ ନେତୃତ୍ୱରେ ଜିଲାର ସମସ୍ତ ସଦସ୍ୟାସଦସ୍ୟ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲାର ବିଭିନ୍ନ ବିଭାଗରୁ ଅମଲାମାନେ ଯୋଗଦେଇଥିଲେ। ଦୀର୍ଘବର୍ଷ ହେଲା ଜିଲା ସ୍ତରୀୟ ଅମଲା ମାନଙ୍କ ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ଉପରେ ଘୋର ଅସନ୍ତୋଷ ଲାଗିରହିଛି। ରାଜ୍ୟ ସରକାର ୨୦୧୭ରୁ ଜିଲା ସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରି ନାହାଁନ୍ତି। ଏନେଇ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ସମଭାବାପନ୍ନ ଅମଲା ସଂଘ ପକ୍ଷରୁ ପତ୍ରାଳାପ ସହ ବିଭିନ୍ନ ସ୍ତରରେ ଆଲୋଚନା ହୋଇସାରିଛି । କିନ୍ତୁ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ବିଫଳ ହୋଇଛି। ଏହାର ପ୍ରତିବାଦରେ ଶୋଭାଯାତ୍ରାରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ପ୍ରତିନିଧିମାନେ କହିଛନ୍ତି, ଆଉ ଆଲୋଚନା ନୁହେଁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦାବି ହାସଲ କରିବାକୁ ହେବ। ଯଦି ଏପ୍ରିଲ ୩୦ ସୁଦ୍ଧା ରାଜ୍ୟ ସରକାର ଜିଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ ନ କରନ୍ତି ତେବେ ମେ ୧ରୁ ସଂଘ ସରକାରଙ୍କୁ ଏକ ଚରମ ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ସ୍ଥିର କରିଛି।

## ଏକ ମାସ ରୋଜା ରଖିଲେ ଶିଶୁ

ଚନ୍ଦାହାଣ୍ଡି,୨୧।୪(ଡି.ଏନ୍.ଏ.)



ମୁସଲମାନ ସମ୍ପ୍ରଦାୟର ରମଜାନ ହେଉଛି ଏକ ପବିତ୍ର ମାସ। ଏହି ମାସରେ ୭ ବର୍ଷରୁ ଊର୍ଦ୍ଧ୍ୱ ଶିଶୁ, ଯୁବତୀଯୁବକମାନେ ରୋଜା(ଉପବାସ) ରଖନ୍ତି। ରମଜାନ ମାସର ଶେଷ ଦିନ ଶୁକ୍ରବାର ହୋଇଥିଲା। ଜହ୍ନ ଦେଖିବା ପରେ ମୁସଲମାନ ଭାଇମାନେ ମସ୍‌ଜିଦରେ ସମବେତ ହୋଇ ପରସ୍ପରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଚଳିତବର୍ଷ ମୋହରା, ଚନ୍ଦାହାଣ୍ଡି ଅଞ୍ଚଳର ବହୁ ଶିଶୁ ଏକ ମାସ ରୋଜା ସମ୍ପୂର୍ଣ୍ଣ ପାଳନ କରି ମୁସଲମାନ ସମ୍ପ୍ରଦାୟ ପାଇଁ ଉଦାହରଣ ପାଲଟିଛନ୍ତି। ସେମାନେ ହେଲେ ମହମ୍ମଦ ଆହିଲ, ମହମ୍ମଦ ଅୟାନ,ସାଜୁ ବାନୋ। ଏମାନେ ରୋଜା ପାଳନ କରିଥିବାରୁ ତାଙ୍କ ସମ୍ପର୍କୀୟଙ୍କ ସମେତ ମହରା ମୁସଲିମ କମିଟିର ପୂର୍ବତନ ସଭାପତି ମହମ୍ମଦ ୟୁନୁସ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶନିବାର ୯ଟା ସମୟରେ ମୋହରା ଓ ବେହେରାମୁଣ୍ଡାଠାରେ ଇଦ୍ ନମାଜ ପାଠ କରାଯିବ।

# ବୃଦ୍ଧାଙ୍କ ଘରକୁ ଆସିବ ଭତ୍ତା, ମିଳିଲା ହ୍ୱିଲ ଚେୟାର

### କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ଟୁଇଟ୍ ପରେ ପ୍ରଶାସନ, ଏସବିଆଇର ତତ୍ପର

ନବରଙ୍ଗପୁର,୨୧।୪(ବି.ପ୍ର.)


ବ୍ୟାଙ୍କ କର୍ତ୍ତୃପକ୍ଷ ବାଣୁଆଗୁଡାରେ ବୃଦ୍ଧା ସୂର୍ଯ୍ୟ ହରିଜନଙ୍କୁ ଭତ୍ତା ଓ ହୁଇଲ୍‌ଚେୟାର ଦେଉଛନ୍ତି ।

ଫିଙ୍ଗର ପ୍ରିଣ୍ଟ ମିଶୁ ନ ଥିବାରୁ ୩ ମାସ ହେଲା ବୃଦ୍ଧାଙ୍କୁ ଭତ୍ତା ମିଳୁ ନ ଥିଲା । ପେନସନ ପାଇଁ ଯାଇ ଥରେ ଗୋଡ଼ ବି ଭାଙ୍ଗିଲା। ଭଙ୍ଗାଗୋଡ଼ରେ ପ୍ଲାଷ୍ଟିକ ଚେୟାର ଧରି ଭତ୍ତା ପାଇଁ ଯାଇ ହଟହଟା ହେଉଥିଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣୁଆଗୁଡା ପଞ୍ଚାୟତର ୮୫ ବର୍ଷୀୟା ବୃଦ୍ଧା ସୂର୍ଯ୍ୟ ହରିଜନ। ଏହାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ନେଇ କୋରାପୁଟ ଜିଲା ଜୟପୁର ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକଙ୍କୁ ଟୁଇଟ୍ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ନବରଙ୍ଗପୁର ଏସବିଆଇ ଚିଫ ମ୍ୟାନେଜର ସୁକୁମାର ବକ୍ସିଙ୍କୁ ଝରିଗାଁ ଘଟଣା ସମ୍ପର୍କରେ ବୁଝିବାକୁ କହିଥିଲେ। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି। ଶୁକ୍ରବାର ଝରିଗାଁ ଏସ୍‌ବିଆଇ ଶାଖା ମ୍ୟାନେଜର ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ପାତ୍ର, ସରପଞ୍ଚ ଲକ୍ଷ୍ମୀ ପୂଜାରୀ ପ୍ରମୁଖଙ୍କ ଉପସ୍ଥିତିରେ ବ୍ୟାଙ୍କ ପକ୍ଷରୁ ସୂର୍ଯ୍ୟଙ୍କୁ ତୁରନ୍ତ ୬ ମାସର ଭତ୍ତା, ହ୍ୱିଲ୍ ଚେୟାର ଓ ଫଳ ଏବଂ ବିସ୍କୁଟ ପ୍ରଦାନ କରାଯାଇଛି। ଆସନ୍ତା ମାସ ଠାରୁ ବ୍ୟାଙ୍କ କର୍ମଚାରୀ ସୂର୍ଯ୍ୟଙ୍କ ଘରେ ଭତ୍ତା ଟଙ୍କା ଦେଇ ଆସିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ଭତ୍ତା ୫ଶହରୁ ୭ ଶହ ଟଙ୍କାକୁ ବୃଦ୍ଧି କରିବାକୁ କୁହାଯାଇଛି। ଏଥିସହ ସପ୍ତାହକ ମଧ୍ୟରେ ସୂର୍ଯ୍ୟଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି ପ୍ରଶାସନ । ପ୍ରକାଶ ଯେ, ବାଣୁଆଗୁଡା ଗାଁର ବୃଦ୍ଧା ସୂର୍ଯ୍ୟ ଗତ ୧୩ ତାରିଖରେ ପରିଣତ ବୟସରେ କଷ୍ଟମର ସର୍ଭିସ ପଏଣ୍ଟକୁ ଭତ୍ତା ଟଙ୍କା ଉଠାଇବାକୁ ଭଙ୍ଗା ଚେୟାର ଧରି ଯାଇଥିଲେ। ବୟସାଧିକ ଯୋଗୁ ତାଙ୍କ ଫିଙ୍ଗର ପ୍ରିଣ୍ଟ ମେଳ ଖାଉ ନ ଥିଲା । ୧୪ ତାରିଖରେ ବ୍ୟାଙ୍କ ଛୁଟି ଥିବାରୁ ୧୫ ତାରିଖରେ ଝରିଗାଁ ଏସବିଆଇ ଶାଖା ମ୍ୟାନେଜରଙ୍କ ନିକଟରେ ପହଞ୍ଚିଥିଲେ। ପ୍ଲାଷ୍ଟିକ ଚେୟାର ସହାୟତାରେ ଭତ୍ତା ଟଙ୍କା ଉଠାଇବାକୁ ଯିବା ଭିଡିଓ ଭାଇରାଲ ହୋଇଥିଲା। ସୂଚନାଯୋଗ୍ୟ, ସୂର୍ଯ୍ୟଙ୍କ ବଡ଼ପୁଅ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ସାନପୁଅ ଗୋରୁ ଚାରାଉଛନ୍ତି।







## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ପାପଡାହାଣ୍ଡି,୨୧।୪(ଡି.ଏନ୍.ଏ.)

ପାପଡାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ଉସିଗାଁ ନିକଟରେ କୌଣସି ଏକ ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଦବାକତରା ପଞ୍ଚାୟତ ରଙ୍ଗମାଟିଗୁଡାର ଲଇଚନ ମୁଦୁଲି (୪୫)। ଲଇଚନ ଗୁରୁବାର ସନ୍ଧ୍ୟାରେ ଅମଲାଭଟାରୁ ନିଜ ଘରକୁ ସାଇକେଲରେ ଫେରୁଥିବା ବେଳେ କୌଣସି ଏକ ଗାଡି ଧକ୍କା ଦେଇ ପଳାଇଥିଲା ପରିବାର ଲୋକ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଙ୍କ ପୁତୁରା ଡମ୍ବରୁ ମୁଦୁଲି ଏନେଇ ମଇଦଲପୁର ଥାନାରେ ଅଭିଯୋଗ କରିଛନ୍ତି । ଥାନା ଏଏସଆଇ କମଳଲୋଚନ ନାୟକ ତଦନ୍ତ କରୁଛନ୍ତି ।









## ସଂକ୍ଷେପରେ

### ବିଡିଓଙ୍କୁ ଅସଦାଚରଣ ମାମଲା, ସମିତି ସଭ୍ୟଙ୍କ ସହ ୪ ଗିରଫ

ଟିକିରି, ୨୧।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶିପୁର ବିଡିଓ ମାନସୀଦାସଙ୍କୁ ଅସଦାଚାରଣ ମାମଲାରେ ପୋଲିସ ଜଣେ ସମିତି ସଭ୍ୟ ସହ ୪ ଜଣଙ୍କୁ ଗିରଫ କରିଛି। ଆଗକୁ ଆହୁରି କିଛି ଲୋକଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୧୩ରେ ୧୦ରୁ ଉର୍ଦ୍ଧ୍ୱ ଲୋକ ବିଡିଓଙ୍କ ବାସଭବନକୁ ଯାଇ ଅସଦାଚାରଣ କରିଥିଲେ। ଏହି ମାମଲାକୁ ଗୁରୁତର ସହ ନେଇଥିଲା ଓଡ଼ିଶା ପ୍ରଶାସନିକ ସେବା ସଂଘ। ଫଳ ସ୍ୱରୂପ ଗତକାଲି କାଶିପୁର ପୋଲିସ ଗୋଡ଼ିବାଲି ସମିତିସଭ୍ୟ ଲକ୍ଷ୍ମୀଧର ମାଝୀଙ୍କ ସମେତ ମୁନୁଷଗାଁର ବିଭୀଷଣ ନାୟକ, ରୂପ ଚାନ୍ଦ ନାୟକ, ମଧୁସୂଦନ ନାୟକଙ୍କୁ ଗିରଫ କରିଛି। କାଶିପୁର ବ୍ଲକରେ ଅଧିକାରୀଙ୍କୁ ଅନେକ ସମୟରେ ଅସଦାଚରଣ କରାଯାଉଥିବା କଥା ନଜରକୁ ଆସୁଥିଲେ ମଧ ସର୍ବଦା କୋହଳ ନୀତି ଅବଲମ୍ବନ କରି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଥର କିନ୍ତୁ ଓଡ଼ିଶା ପ୍ରଶାସନିକ ସେବା ସଂଘର ରାୟଗଡ଼ାରେ ଘନ ଘନ ବୈଠକ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ନେଇ ଚରମ ଚେତାବନୀ ପରେ କାଶିପୁର ପୋଲିସ ୪ ଜଣଙ୍କୁ ଗିରଫ କରିଛି।

### ପୁଅର ଠେଙ୍ଗା ମାଡ଼ରେ ମା' ବାପା ଗୁରୁତର

ଖଜୁରିପଡା, ୨୧।୪:ଖଜୁରିପଡା ବ୍ଲକ ଅନ୍ତର୍ଗତ ସୁଦ୍ରୁକୁମ୍ପା ପଞ୍ଚାୟତର ଡଡ଼ମାସ୍କା ଗ୍ରାମରେ ପୁଆର ଠେଙ୍ଗା ମାଡ଼ରେ ମା' ବାପା ଗୁରୁତର ହୋଇଛନ୍ତି। ସେମାନେ ହେଲେ ବିଷ୍ଣୁ ନାଥ ବେହେରା (୭୦) ମୋହନା ବେହେରା (୬୦)। ପିଷ୍ଟୁଙ୍କ ପୁଅ ସବୁବେଳେ ନିଶାସକ୍ତ ହୋଇ ଗାଁ ଲୋକଙ୍କ ସହିତ ଝଗଡା କରୁଥିଲେ। ଗୁରୁବାର ପୁଅ ସାହି ଲୋକମାନଙ୍କ ସହିତ ଗଣ୍ଡଗୋଳ କରୁଥିବା ସମୟରେ ବାପା ମା ଆସି ବୁଝାଇବାକୁ ଚେଷ୍ଟା କରିଥିଲେ। ଏଥିରେ ପୁଅ ରାଗି ଯାଇ ଏକ ଠେଙ୍ଗାରେ ବାପା ମାଙ୍କୁ ଆକ୍ରମଣ କରିଥିଲେ।

### ପ୍ଲାଷ୍ଟିକ ଚାଉଳ ବଣ୍ଟନ ଅଭିଯୋଗ

ଗଞ୍ଜାମ, ୨୧।୪(ଡି.ଏନ.ଏ.):ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ଲାଷ୍ଟିକ ମିଶା ଚାଉଳ ବଣ୍ଟନ ହୋଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟଙ୍କିକିଆ ଚାଉଳରେ ଅଧିକ ପ୍ଲାଷ୍ଟିକ ଚାଉଳ ଥିବା ବିଞ୍ଚଣାପଲି ଗ୍ରାମର ଜଣେ ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉକ୍ତ ପଞ୍ଚାୟତ ପିଇଓ ଦିଲ୍ଲୀପ କୁମାର ନାୟକଙ୍କୁ ପଚାରିବାରେ ଅଭିଯୋଗ ସମ୍ପର୍କରେ ଜିଲା ଉଚ୍ଚ ପ୍ରଶାସନର ଅବଗତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବରୁ ମଧ ଗଞ୍ଜାମ ଏନଏସି ଅନ୍ତର୍ଗତ ୱାର୍ଡ ନଂ ୮ ପୁଇଁତୋଳା ଗ୍ରାମରେ ମଧ ପ୍ଲାଷ୍ଟିକ ଯୁକ୍ତ ଚାଉଳ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଜିଲା ଯୋଗାଣ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ।

### ନିଆଁ ଲାଗି ଜଳିଗଲା ରୁଟି ଫ୍ୟାକ୍ଟ୍ରି

ପୋଲସରା, ୨୧।୪:ପୋଲସରା ଥାନା ଅନ୍ତର୍ଗତ ଡିମ୍ବିରିଆ ଗ୍ରାମର ଭରତ ମହାପାତ୍ରଙ୍କ ରୁଟି ଫ୍ୟାକ୍ଟ୍ରିରେ ଗୁରୁବାର ରାତିରେ ନିଆଁ ଲାଗି ଜଳିଯାଇଛି। ଦୀର୍ଘ ୧୮ ବର୍ଷ ଧରି ଏହି ଫ୍ୟାକ୍ଟ୍ରି ଚାଲିଆସୁଥିଲା। ଉକ୍ତ ଫ୍ୟାକ୍ଟ୍ରିରେ ରୁଟି ଓ ବିସ୍କେଟ୍ ତିଆରି କରି ନିଜ ପରିବାର ଚଳାଇବା ସହ ୧୦ରୁ ୧୫ କାରିଗରଙ୍କ ପରିବାର ଚଳାଇ ଆସୁଥିଲେ। କିନ୍ତୁ ରାତିରେ ଫ୍ୟାକ୍ଟ୍ରି ଭିତର ତିନିଜଣ କାରିଗର ଶୋଇଥିଲେ। ସେହି ସମୟରେ କୌଣସି କାରଣବଶତଃ ନିଆଁଲାଗି ଫ୍ୟାକ୍ଟ୍ରିରେ ଥିବା ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ପୋଡ଼ି ନଷ୍ଟ ହୋଇଯାଇଛି।

# ଦୁଇ ଆର୍ଥିକ ବର୍ଷର ବିଭିନ୍ନ ପ୍ରକଳ୍ପ ଅନୁମୋଦିତ

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ, ୨୧।୪

ବିଂଶତମ ଜିଲା ଯୋଜନା କମିଟି ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଅଧକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି ଓ ଜିଲାପାଳ ସ୍ୱାଧାଦେବ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷର ୨୯୦ ଏବଂ ୨୦୨୨-୨୩ ଆର୍ଥିକ ବର୍ଷର ୩୦୪ଟି ପ୍ରକଳ୍ପ ବୈଠକରେ ଅନୁମୋଦିତ ହୋଇଛି। ଜିଲାର ୧୧ଟି ବ୍ଲକ ପାଇଁ ପ୍ରତି ଆର୍ଥିକ ବର୍ଷରେ ୫୦ ଲକ୍ଷ ଟଙ୍କା ଲେଖାଏ ଏବଂ କ୍ରିଟିକାଲ ଗ୍ୟାସ ଫଣ୍ଡ ବାବଦକୁ



ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ଜିଲାପାଳ।

୧ କୋଟି ୯୨ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା । ସେହିଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୩୮୩ କୋଟି ୨୯ ଲକ୍ଷ ଟଙ୍କାର ଚିଠା ପ୍ରସ୍ତୁତ ହୋଇଥିଲା । ରାଜ୍ୟ ସରକାର ପୂର୍ବରୁ ଗୁଣପୁର ଓ ରାୟଗଡ଼ା ପୌରାଂଚଳ ବିକାଶ ପାଇଁ ଦେଇଥିବା ଅନୁମୋଦନ ବିଷୟରେ ମନ୍ତ୍ରୀ ନାୟକ ସୂଚନା ଦେଇଥିଲେ । ଉକ୍ତ ଅନୁଦାନ ବିଦ୍ୟୁତ, ପାନୀୟ ଜଳ ଓ ସଡ଼କ ନିର୍ମାଣ ପାଇଁ ବ୍ୟବହୃତ ହେବ । ସେହିଭଳି ଚଳିତ ବର୍ଷ ସଡ଼କ ପଥର ବିକାଶ ପାଇଁ ନିର୍ବାଚନ ମଣ୍ଡଳୀ ପିଛା ୪୦ରୁ ୫୦ କିମି ରାସ୍ତା ପଞ୍ଚାୟତିରାଜ ବିଭାଗରୁ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦେଇଥିଲେ

### ଜିଲା ଯୋଜନା କମିଟି ବୈଠକ

। ସମବାୟ ବିଭାଗ ଦ୍ୱାରା ନୂତନ ଲ୍ୟାମ୍ପସ ଓ ପ୍ୟାକ୍ସ ସ୍ଥାପନା ନେଇ ମଧ ସୂଚନା ଦେଇଥିଲେ। ତେବେ ଉନ୍ନତି ଓ ବିକାଶ ପାଇଁ କାଶୀପୁର ବ୍ଲକକୁ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା । କାଶୀପୁର ବ୍ଲକରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲେ ମଧ କାହିଁକି ଆଗେଇପାରୁ ନାହିଁ ବୋଲି ଜିଲା ଯୋଜନା ବୋର୍ଡ ଅଧକ୍ଷ କାଶୀପୁର ବିଡ଼ିଓ ମନିଷା ଦାସଙ୍କୁ ପ୍ରଶ୍ନ କରିଥିଲେ। ବିଡ଼ିଓ ଏନେଇ ଜମି ସମସ୍ୟା ରହୁଥିବା ପ୍ରକାଶ କରିଥିଲେ । କାଶୀପୁର ବ୍ଲକର ସର୍ବାଧିକ ସମସ୍ୟା ଓ ଅଭିଯୋଗ ରହୁଥିବା ବେଳେ ସେଠାରେ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବୈଠକରେ ସ୍ପଷ୍ଟ ହୋଇଥିଲା । ବିଜୁ କେବିକେ ଯୋଜନାରେ ୨୦୦୬-୦୭ ରୁ ୨୦୨୦-୨୧ ମଧ୍ୟରେ ହାତକୁ ନିଆଯାଇଥିବା ୪୭୮୯ ପ୍ରକଳ୍ପ ମଧ୍ୟରୁ ୪୨୪୪ ପ୍ରକଳ୍ପ ଶେଷ ହୋଇଛି । ୫୪୫ଟି ପ୍ରକଳ୍ପ ଅଦ୍ୟାବଧି ଶେଷ ହୋଇନାହିଁ । ଯାହା ଫଳରେ ଆଗାମୀ ଅନୁଦାନ ଆସିବାରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ବୈଠକରେ ଉଦବେଗ ପ୍ରକାଶ କରିଥିଲେ କମିଟି ସଭ୍ୟାସଭ୍ୟମାନେ । ରାୟଗଡ଼ା ଜିଲାରେ ପାନୀୟ ଜଳର ସମସ୍ୟା ନେଇ ଉଦବେଗ ପ୍ରକାଶ କରିଥିଲେ ମନ୍ତ୍ରୀ ଅତନୁ ଓ ଜଗନ୍ନାଥ। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମଧ ପାନୀୟ ଜଳ ନେଇ ଅଭିଯୋଗ କରିଥିଲେ । ଏମ୍ପି ପ୍ରତିନିଧି ଦୁର୍ଗା ପ୍ରସାଦ ପଣ୍ଡା କାର୍ଯ୍ୟ ଶୀଘ୍ର କରିବାକୁ ଦାବି କରିଥିଲେ । ବୈଠକରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲାଲ ମୋହନ ରାଉତରାୟ, ରାୟଗଡ଼ା ବ୍ଲକ ବିଡ଼ିଓ ଲକ୍ଷ୍ମୀ ନାରାୟଣ ସାବତ, ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ବାଇକ୍ ଧକ୍କାରେ ଜଣେ ମୃତ

ରାୟଗଡ଼ା, ୨୧।୪(ସ୍ୱ.ପ୍ର.)

ରାୟଗଡ଼ା ନେହରୁ ନଗର ଛକସ୍ଥିତ ୩୨୬ ନଂ ଜାତୀୟ ରାଜପଥରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରେଳ ବିଭାଗରେ ଲୋକୋ ଚିଫ ଭାବେ କାର୍ଯ୍ୟରତ ଏନ.ବୈରାଗୀ(୫୫)। ତାଙ୍କ ଘର ନେହରୁ ନଗର ୨ୟ ଲେନରେ ବୋଲି ଜଣାପଡ଼ିଛି। ଶୁକ୍ରବାର ଅପରାହ୍ନ ୩ଟା ସମୟରେ ବୈରାଗୀ ଡ୍ୟୁଟିକୁ ଯିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ଅବସ୍ଥାରେ ବୈରାଗୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣାପରେ ଅନ୍ୟ ବାଇକ ଚଳାକ ଫେରାର ହୋଇଯାଇଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ

ରାୟଗଡ ଅଫିସ, ୨୧।୪

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଶୁକ୍ରବାର ସ୍ଥାନୀୟ ଜିଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ପଛୁଆ ବର୍ଗ


ମଞ୍ଚାସୀନ ଅତିଥି ।

ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଜିଲା ଯୋଜନା କମିଟି ଅଧକ୍ଷ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ରୂପେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନୁସୂୟା ମାଝୀ, ଜିଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ରାୟଗଡ଼ା ପୌରାଧକ୍ଷା ଶୁଭ୍ରା ପଣ୍ଡା, ସେଞ୍ଚୁରୀୟାନ ୟୁନିଭରସିଟି ନିର୍ଦ୍ଦେଶକ ରାଜେଶ ପାଢ଼ୀ ପ୍ରମୁଖ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ଼. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଡ. ସଦାଶିବ ପିଲା ଦିନରୁ ଲୋକଙ୍କ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିବା କହିଥିଲେ। ସେ ୧୯୬୫ ରୁ ୧୯୬୭ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ରହିବା ସହ ୧୯୭୧ ଯାଏ ବିରୋଧୀ ଦଳ ନେତା ରହିଥିବା କହିଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ତ୍ୟାଗପୂର୍ଣ ଜୀବନ ଓ ଓଡ଼ିଶାର ବିକାଶ ପାଇଁ ତାଙ୍କର ଅବଦାନ, ନିଷ୍ଠାପର, ସାଧୁତା, ଶାନ୍ତ ସରଳ ଜୀବନଯାପନ ପାଇଁ ସ୍ୱର୍ଗତ ଶ୍ରୀ ତ୍ରିପାଠୀ ଉଦାହରଣ ସୃଷ୍ଟି କରିଥିଲେ ବୋଲି କହିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ସାରକା ମଧ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ତ୍ରିପାଠୀଙ୍କ ଆଦର୍ଶକୁ ଅନୁପ୍ରାଣିତ ହୋଇ ଆଜିର ଯୁବପିଢ଼ିଙ୍କୁ ପ୍ରେରଣା ଭାବେ ଗ୍ରହଣ କରି ସମାଜ ସେବା ପାଇଁ ଆଗକୁ ଆସିବ ପାଇଁ ନିଜ ବକ୍ତ୍ୟବରେ ପ୍ରକାଶ କରିଥିଲେ।୦ ସେହିପରି ଅନ୍ୟ ଅତିଥିମାନେ ମଧ ସ୍ୱର୍ଗତ ଶ୍ରୀ ତ୍ରିପାଠୀଙ୍କ ସଂଘର୍ଷ ଜୀବନ ସ୍ୱାଧୀନତା ସଂଗ୍ରାମୀ ଜୀବନ ଉପରେ ଉଦବୋଧନ ଦେଇଥିଲେ। ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ କାର୍ଯ୍ୟାଳୟର ପ୍ରାକ୍ଷେପିକ ପୀତବାସ ବିଶ୍ୱାଳ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷଙ୍କ ସହ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

# ତାଲିମ କେନ୍ଦ୍ର ବୁଲି ଦେଖିଲେ ରାଜ୍ୟ ପର୍ଯ୍ୟବେକ୍ଷକ


ତାଲିମ ଶିବିରେ ମଞ୍ଚାସୀନ ଅତିଥି ।

ରାୟଗଡ଼ା ଅଫିସ, ୨୧।୪

ରାୟଗଡ଼ା ଜିଲାରେ ପଛୁଆବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ସର୍ଭେ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ବ୍ଲକରେ ଶୁକ୍ରବାର ତାଲିମ ଦିଆଯାଇଥିବା ବେଳେ ଓ ଆସନ୍ତା ୨୪ ତାରିଖରେ ପୁଣି ତାଲିମ କାର୍ଯ୍ୟକ୍ରମ ରହିଛି । ବିଡିଓ ଲକ୍ଷ୍ମୀନାରାୟଣ ସାବତ, ଏବିଡିଓ କାଳୁ ଚରଣ ନାୟକ, ଜିପିଇଓ ତାଲିମ ପ୍ରଦାନ କରିଥିଲେ। ଫର୍ମପୂରଣ କୌଶଳ ଶିକ୍ଷା ସହ ଏକକ ଅଭିନୟ ମାଧମରେ ଅଭ୍ୟାସ କରାଯାଇଥିଲା। ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ବୀରେନ୍ଦ୍ର କରକରା ଶୁକ୍ରବାର ପୂର୍ବାହ୍ନରେ ରାୟଗଡ଼ା ସଦର ମହକୁମାସ୍ଥିତ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଓ ଅନ୍ୟ କର୍ମଚାରୀଙ୍କ ସହ ସର୍ଭେ ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ରାୟଗଡ଼ା ବ୍ଲକ ସଦଭାବନା

### ପଛୁଆ ବର୍ଗଙ୍କ ସର୍ଭେ ଲାଗି ଦ୍ୱିତୀୟ ପର୍ଯ୍ୟାୟ ତାଲିମ

ଗୃହରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ତାଲିମାର୍ଥୀଙ୍କୁ ସର୍ଭେ ସମ୍ପର୍କିତ ସମସ୍ୟାର ସମାଧାନ ବୁଝାଇବା ପରେ କୋଲନରା, ରାମନାଗୁଡ଼ା,ରାୟଗଡ଼ା ଓ ଗୁଣୁପୁର ବ୍ଲକ ଓ ପୌର ପରିଷଦରେ ଅନୁଷ୍ଠିତ ତାଲିମର ଯୋଗ ଦେଇ ଫର୍ମ ପୂରଣ କୌଶଳ, ତାଲିମାର୍ଥୀଙ୍କ ସର୍ଭେ ସମ୍ପର୍କିତ ଜ୍ଞାନ ତଦାରଖ କରିଥିଲେ । ଆସନ୍ତା ୧ ତାରିଖରୁ ଆରମ୍ଭ ହେବାକୁ ଥିବା ସର୍ଭେ କେନ୍ଦ୍ର ଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ସହ ଯେପରି ସମସ୍ତ ଯୋଗ୍ୟ ପରିବାର ଫର୍ମ ଦାଖଲ କରିପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ବ୍ୟାପକ ପ୍ରଚାର, ପ୍ରସାର ନିମନ୍ତେ ଗଣମାଧମର ସହଯୋଗ କାମନା କରିଥିଲେ ।

# ମିଳିତ ଅମଲା ମଞ୍ଚର ବିକ୍ଷୋଭ ପ୍ରଦର୍ଶନ

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.) ୨୧।୪

ଜିଲା ସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାୟଗଡ଼ା କୃଷି ବିଭାଗ ଛକରୁ ଜିଲା ଅମଲା ସଂଘ ସଭାପତି ଅରୁଣ କୁମାର ପାଢ଼ୀ ଏବଂ ଆବାହକ ଚିତ୍ତ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଜିଲାର ସମସ୍ତ ସଦସ୍ୟାସଦସ୍ୟ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ

### ଗ୍ରେଡ୍ ପେ ୪୨୦୦ ଲେଭଲ ୯ ପୂରଣ ଦାବି

କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କୁ ଦାବିପତ୍ର ଦିଆଯାଇଛି। ଏପ୍ରିଲ ୩୦ ସୁଦ୍ଧା ରାଜ୍ୟ ସରକାର ଜିଲା ସ୍ତରୀୟ ଅମଲାମାନଙ୍କ ଏଣ୍ଟ୍ରି ଲେଭଲରେ ୯୩୦୦ ଗ୍ରେଡ ପେ ୪୨୦୦ଲେଭଲ ୯ ପୂରଣ ନ କରନ୍ତି ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ମେ ୧ରେ ରାଜ୍ୟ ମିଳିତ ମଞ୍ଚ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବେ। ଆୟୋଜିତ ଶୋଭାଯାତ୍ରାରେ ଅମଲା ସଂଘର ସଦସ୍ୟ ପ୍ରଦୀପ କୁମାର, ମନୋଜ ରଥ, କାଳୀ ରଥ, ସନ୍ତୋଷ ନିମଲା, ଗୋପୀନାଥ ରାଉତ, ରାମ ରଥ, ବବିତା ପଣ୍ଡା, ମୋନାଲିସା ଗୌଡ଼ଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମିଳିତ ଅମଲା ମଞ୍ଚର ବିକ୍ଷୋଭ ପ୍ରଦର୍ଶନ ।

### ଏମ୍‌କେସିଜିରେ ଅଗ୍ନିକାଣ୍ଡ

ବ୍ରହ୍ମପୁର ଅଫିସ, ୨୧।୪:

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ସୁପରସ୍ପେଶାଲିଟି ବ୍ଲକରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଛି। ବ୍ଲକର ସିଟି ସ୍କାନ୍ ବିଭାଗ ପଛପଟେ ଥିବା ଏସି ମେସିନ୍ ଜଳି ଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ମହିଳା ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ଫୁଲବାଣୀ ଅଫିସ, ୨୧।୪:

ଜଣେ ମହିଳାଙ୍କୁ ହତ୍ୟା କରିବା ମାମଲାର ବିଚାର କରି ଶୁକ୍ରବାର ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ସୁଶ୍ରୀ ସ୍ମିତିରେଖା ବାରିକ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କୁ ୩୬ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ କଟକିଆପଡାର ହୀରାଧର ଚେରେକା । ଖଜୁରୀପଡା ଥାନା ଫୁଲବାଣୀ ସହରର ଏକ ହୋଟେଲରେ ନୂଆପଡା ଜିଲା କୋମନା ଅଞ୍ଚଳର ଉର୍ମିଳା ଦୀପ ବାସନ ମଜାମଜି କାମ କରୁଥିଲେ । ସେ ବିବାହିତ ଥିଲେ । ହେଲେ ସହରରେ କାମ କରୁଥିବା ହୀରାଧରଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିଛି ଦିନ ମଧ୍ୟରେ ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ଉର୍ମିଳା ଥାନାରେ ଅଭିଯୋଗ କରିଥିଲେ । ୨୦୧୫ ଅଗଷ୍ଟ ୮ ତାରିଖ ରାତି ୧ଟାରେ ଉର୍ମିଳା ରହୁଥିବା ହୋଟେଲକୁ ହୀରାଧର ପ୍ରବେଶ କରିଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ହୀରାଧର ତଣ୍ଟି ଚିପି ଉର୍ମିଳାଙ୍କୁ ହତ୍ୟା କରିଥିଲେ। ଏଥିସହ ତାଙ୍କ ଗହଣା ଲୁଟି ନେଇଥିଲେ। ପରଦିନ ସକାଳେ ହୋଟେଲ ଖୋଲିଲା ବେଳକୁ ମାଲିକ ଉର୍ମିଳାଙ୍କୁ ମୃତ ଅବସ୍ଥାରେ ଦେଖି ଖଜୁରୀପଡା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା । ଘଟଣାର ଦୁଇ ଦିନ ପରେ ହୀରାଧରଙ୍କୁ ତାଙ୍କ ଗ୍ରାମରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଥାନାରେ ଏ ନେଇ ୯୮/୧୫ରେ ମାମଲା ରୁଜୁ ହୋଇଥିଲା। ସିସିଟିଭି ଫୁଟେଜ, ମେଡିକାଲ ରିପୋର୍ଟ ଏବଂ ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଶିବ ପ୍ରସାଦ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ ।

# ଏସଇବିସି ସର୍ଭେ ତାଲିମ

ଗୁଣପୁର, ୨୧।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ଓ ପୌରାଞ୍ଚଳର ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସମ୍ପର୍କିତ ସର୍ଭେ ନିମନ୍ତେ ଏକ ତାଲିମ ଶିବିର ଉପ ଜିଲାପାଳଙ୍କ ସଦ ଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ଦେବ କରକର, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଉପ ଜିଲାପାଳ ଲଳିତ କୁମାର କହଁର, ତହସିଲଦାର ଶରତ ଚନ୍ଦ୍ର ନାୟକ ପ୍ରମୁଖ ଫର୍ମ ପୂରଣ କୌଶଳ ଶିକ୍ଷା ସହ ଏକକ ଅଭିନୟ ମାଧମରେ ଅଭ୍ୟାସ କରାଇଥିଲେ। ପ୍ରତିଟି ପଛୁଆ ବର୍ଗଙ୍କ ନିକଟରେ ପହଁଞ୍ଚି ସେମାନଙ୍କଠାରୁ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ଗଣନା କରିବା ଉପରେ ପର୍ଯ୍ୟବେକ୍ଷକ ଓ ଅତିରିକ୍ତ ଜିଲାପାଳ ସମସ୍ତ ଏମୁନେରଟରମାନଙ୍କୁ ବୁଝାଇଥିଲେ। ଉପଖଣ୍ଡ ଓ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟାନର ଓ ପୋଷ୍ଟର, ମୁଖ୍ୟତଃ ସ୍ଥାନୀୟ ବସ୍ ଗୁଡ଼ିକରେ ପୋଷ୍ଟର ମାଧ୍ୟମରେ ଜନସଚେତନତା କରାଯାଇଥିବା ଦେଖି




ପର୍ଯ୍ୟବେକ୍ଷକ ଖୁସି ବ୍ୟକ୍ତ କରିଥିଲେ। ମେ୧ରୁ ଆରମ୍ଭ ହେବାକୁ ଥିବା ସର୍ଭେ କେନ୍ଦ୍ର ଗୁଡ଼ିକରେ ଆନୁଷଙ୍ଗିକ ବ୍ୟବସ୍ଥା ସହ ଯେପରି ସମସ୍ତ ଯୋଗ୍ୟ ପରିବାର ଫର୍ମ ଦାଖଲ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ସପ୍ତଗିରିଙ୍କୁ ରିପିଟ୍ କରିପାରେ କଂଗ୍ରେସ

ରାୟଗଡ଼ା, ୨୧।୪

ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡିକ ପକ୍ଷରୁ ଏବେଠୁ ଜୋରଦାର ପ୍ରସ୍ତୁତି ଚାଲିଲାଣି । ଏକଦା କଂଗ୍ରେସର ଗଡ଼ ଥିଲା ରାୟଗଡ଼ା ଜିଲା ଓ କୋରାପୁଟ ସଂସଦୀୟ କ୍ଷେତ୍ର । ଦେଶ ସ୍ୱାଧୀନ ହେବା ପରେ ୧୯୫୭ରୁ ୨୦୦୯ ପର୍ଯ୍ୟନ୍ତ କୋରାପୁଟ ଲୋକସଭା ଆସନ କଂଗ୍ରେସ ଦଖଲରେ ରହିଥିଲା। ଓଡିଶାରେ ଆଞ୍ଚଳିକ ଦଳ ବିଜୁ ଜନତା ଦଳ ଗଠନ ପରେ ଭାଙ୍ଗିଥିଲା ଏହି କଂଗ୍ରେସ ଗଡ଼। ଏହାର ମୁଖ୍ୟ ନାୟକ ସାଜିଥିଲେ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓ ଓ ଏମ୍‌ପି ଜୟରାମ ପାଙ୍ଗି। ୧୦ ବର୍ଷ ପରେ ଅର୍ଥାତ୍ ୨୦୧୯ରେ ପୁଣି କଂଗ୍ରେସ କ୍ଷମତାକୁ ଫେରିଲା। ସପ୍ତଗିରି ଉଲାକା ପ୍ରଥମଥର ନିର୍ବାଚନ ମଇଦାନକୁ ଓହ୍ଲାଇ କଂଗ୍ରେସରୁ ପ୍ରାର୍ଥୀ ହୋଇ କୋରାପୁଟ ଏମ୍‌ପି ନିର୍ବାଚିତ ହେଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ କୋରାପୁଟର ପୂର୍ବତନ ଏମ୍‌ପି ଝିନ୍ନ ହିକକାଙ୍କ ସ୍ତ୍ରୀ କୌଶଲ୍ୟା ହିକକା । ପୂର୍ବତନ କୋରାପୁଟ ଏମ୍‌ପି ତଥା ପୂର୍ବତନ ରାୟଗଡ଼ା ବିଧାୟକ କଂଗ୍ରେସର ଟାଣୁଆ ନେତା ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପୁଅ ସପ୍ତଗିରି ବିଚକ୍ଷଣ ନେତାଙ୍କ ଚାଲକୁ ମାତ୍ ଦେଇଥିଲେ । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କୌଶଲ୍ୟା ହିକକାଙ୍କୁ ୩, ୬୧୩ ଭୋଟରେ ପରାଜିତ କରିଥିଲେ । ଉଭୟେ ନିର୍ବାଚନ ରଣାଙ୍ଗନରେ ପ୍ରଥମ ଥର ପାଇଁ ପ୍ରାର୍ଥୀ ହୋଇଥିଲେ। ସପ୍ତଗିରି ୩ ଲକ୍ଷ ୭୧ ହଜାର ୧୨୯ ଖଣ୍ଡ ଭୋଟ ପାଇଥିବା ବେଳେ କୌଶଲ୍ୟା କଡ଼ା ଟକ୍କର ଦେଇ ୩ ଲକ୍ଷ ୬୭ ହଜାର ୫୧୬ ଖଣ୍ଡ ଭୋଟ ପାଇଥିଲେ। ଯୁବ ବୟସରୁ ବାପା ରାମଚନ୍ଦ୍ରଙ୍କ ସହ ରାଜନୀତିରେ ସେ ବେଶ୍ ସକ୍ରିୟ ସପ୍ତଗିରି। ପୁଣି ତାଙ୍କ ସହ ରହିଛନ୍ତି ତାଙ୍କ ମା' ତଥା ରତ୍ନମଣି ଉଲାକା । ପ୍ରଦେଶ କଂଗ୍ରେସ କମିଟି

### ମତଭେଦକୁ ଖଣ୍ଡନ କଲେ ତାରା- ସପ୍ତଗିରି

ସମେତ ଜାତୀୟ କଂଗ୍ରେସ କମିଟି ତଥା ଗାନ୍ଧୀ ପରିବାର ସହିତ ସେ ସିଧାସଳଖ ଜଡ଼ିତ । ରାଜ୍ୟ କଂଗ୍ରେସରୁ ଜଣେ ମାତ୍ର ଏମ୍‌ପି ନିର୍ବାଚିତ ହେବା ପରେ ସପ୍ତଗିରି ଲୋକସଭାରେ ନିଜ ସଂସଦୀୟ କ୍ଷେତ୍ରର ବିଭିନ୍ନ ସମସ୍ୟାର ପ୍ରଶ୍ନ ଉପସ୍ଥାପନା କରି କମ ସମୟରେ ପରିଚିତ ହୋଇଯାଇଛନ୍ତି।

ରାୟଗଡ଼ା ଜିଲାର ୩ ନିର୍ବାଚନ ମଣ୍ଡଳୀ ଗୁଣପୁର, ରାୟଗଡ଼ା ଓ ବିଷମକଟକ ଏବଂ କୋରାପୁଟ ଜିଲାର ୪ ନିର୍ବାଚନ ମଣ୍ଡଳୀ ପଟାଙ୍ଗି, କୋରାପୁଟ, ଜୟପୁର ଓ ଲକ୍ଷ୍ମୀପୁରକୁ ନେଇ ଗଠିତ କୋରାପୁଟ ଲୋକସଭା କ୍ଷେତ୍ର । ସପ୍ତଗିରି ରାୟଗଡ଼ା, ଗୁଣପୁର, ଜୟପୁର ଓ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ଭୋଟ ପାଇଥିଲେ । ଗତ ନିର୍ବାଚନରେ କୋରାପୁଟ ଜିଲାର ଟାଣୁଆ ନେତା ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ତାଙ୍କୁ ସହଯୋଗ କରିଥିଲେ । ହେଲେ ନିର୍ବାଚନ ପରେ ଦୁହିଁଙ୍କ ମଧ୍ୟରେ ମତଭେଦ ଦେଖା ଦେଇଥିବା ଚର୍ଚ୍ଚା ଜୋର ଧରିଥିଲା। ଯାହାକି, ୨୦୨୪ ନିର୍ବାଚନରେ ସପ୍ତଗିରିଙ୍କ ରାଜନୈତିକ କ୍ୟାରିୟର ଉପରେ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ସମୀକ୍ଷକ ମତ ପ୍ରକାଶ କରିଛନ୍ତି । ଅନ୍ୟପଟେ ମତଭେଦ ଚର୍ଚ୍ଚାକୁ ୨ ନେତା ଖଣ୍ଡନ କରିଛନ୍ତି। ତାରା କହିଛନ୍ତି, ସପ୍ତଗିରି ବର୍ତ୍ତମାନ ରାଜ୍ୟ କଂଗ୍ରେସ ଦଳର ଜଣେ ମାତ୍ର ଏମ୍‌ପି। ତେଣୁ ଆଗାମୀ ନିର୍ବାଚନରେ ତାଙ୍କୁ ହିଁ ଟିକଟ ମିଳିବ । ଏଥିରେ କୌଣସି ସନ୍ଦେହ ନାହିଁ । ସେ ମଧ ସପ୍ତଗିରିଙ୍କୁ ସହଯୋଗ କରିବେ ବୋଲି ତାରା କହିଛନ୍ତି । ସେହିଭଳି ସପ୍ତଗିରି ମଧ ତାରାଙ୍କ ସହିତ କୌଣସି ମତଭେଦ ନଥିବା କଥା କହିଛନ୍ତି । ଦଳରେ ସେମାନଙ୍କ ସ୍ଥିତିକୁ ଦୁର୍ବଳ କରିବା ପାଇଁ ବିରୋଧୀଙ୍କ ଏହା ଚାଲ୍ ବୋଲି ସପ୍ତଗିରି କହିଛନ୍ତି । ଉଭୟ ତାରା ଓ ସପ୍ତଗିରି ଆଗାମୀ ନିର୍ବାଚନରେ ଏକ ହୋଇ ବିଜେଡ଼ିକୁ କଡ଼ା ଟକ୍କର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସୂଚନା ମିଳିଛି। ତେବେ ୨୦୧୯ରେ ଜୟପୁର ପୌର ପରିଷଦର ପୂର୍ବତନ କାଉନସିଲର ପ୍ରଫୁଲ୍ଲ ଭତ୍ରା କୋରାପୁଟ ଲୋକସଭା ଆସନରୁ କଂଗ୍ରେସ ଟିକଟ ପାଇଁ ଆଶାୟୀ ରହିଥିଲେ ମଧ ସପ୍ତଗିରିଙ୍କୁ ଟିକେଟ ମିଳିଥିଲା । ବର୍ତ୍ତମାନ ସେଭଳି କୌଣସି ବ୍ୟକ୍ତି କୋରାପୁଟ ଜିଲା ସଭାପତି ଅବା ରାୟଗଡ଼ା ଜିଲା ସଭାପତି ଅଥବା ପ୍ରଦେଶ କଂଗ୍ରେସ କମିଟିରେ ଏମ୍‌ପି ଟିକେଟ ପାଇଁ ଲବି କରୁଥିବା ଜଣାପଡୁନାହିଁ । ଏଥର କୋରାପୁଟରୁ କାହାକୁ କଂଗ୍ରେସରୁ ଟିକଟ ମିଳୁଛି ତାହା ଦେଖିବାକୁ ବାକି ରହିଲା।

**କୂଅରୁ ଯୁବକଙ୍କ ମୃତଦେହ ଜବତ**

ଚନ୍ଦାହାଣ୍ଡି,(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭଉଗାଡ଼ର ଗ୍ରାମର ମନୋହର ଭାଟିଙ୍କ ଚାଷ ଜମିରେ ଥିବା କୂଅରୁ ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଝରୀଗାଁ ଥାନା ଅଧୀନ ଆମାମୁଣ୍ଡା ଗ୍ରାମର ଦୁର୍ଯ୍ୟ ସାନ୍ତାଙ୍କ ପୁଅ ଶଙ୍କର(୧୮)। ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ପରେ ପରିବାର ଲୋକଙ୍କୁ ମୃତ ଦେହ ହସ୍ତାନ୍ତର କରିଛି। ସୂଚନାମୁତାବକ, ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଶୁକ୍ରବାର ଶୌଚ ପାଇଁ କୂଅପାଖକୁ ଯାଇଥିଲେ। ଦେଖିଥିଲେ ଏକ ମୃତ ଦେହ ଭାସୁଛି। ଏନେଇ ଜମି ମାଲିକ ମନୋହରଙ୍କୁ ସୂଚନା ଦେଇଥିଲେ।



## ସଂକ୍ଷେପରେ

### ଗଣନାକାରୀ, ସୁପରଭାଇଜରଙ୍କୁ ତାଲିମ

କୋରାପୁଟ,୨୧।୪(ସ୍ୱ.ପ୍ର.)- କୋରାପୁଟ ଜିଲାରେ ପଛୁଆ ବର୍ଗ ସର୍ଭେ ପାଇଁ ଗଣନାକାରୀ ଓ ସୁପରଭାଇଜରମାନଙ୍କୁ ଗୁରୁବାର ତାଲିମ ଦିଆଯାଇଛି। ସ୍ଥାନୀୟ ମ୍ୟୁନିସିପାଲଟି ଅଡିଟୋରିୟମରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, କୋରାପୁଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ଏବିଡିଓ ସଦାଶିବ ଅଧିକାରୀ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇ କୋରାପୁଟ ବ୍ଲକ ଓ ପୌର ପରିଷଦର ମୋଟ ୬୫ ଜଣ ଗଣନାକାରୀ ଏବଂ ସୁପରଭାଇଜରମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମେ ପହିଲାରୁ ୨୭ ତାରିଖ ପର୍ଯ୍ୟନ୍ତ ପଛୁଆ ବର୍ଗ ସର୍ଭେ କାର୍ଯ୍ୟ କରାଯିବ।

### ନନ୍ଦପୁର ବ୍ଲକ ବିଇଓ ଦାୟିତ୍ୱରେ ରହିଲେ ସେମିଳିଗୁଡ଼ା ବିଇଓ



ନନ୍ଦପୁର, ୨୧।୪ (ଡି.ଏନ.ଏ.)-ଗତ ମାର୍ଚ୍ଚ ମାସ ୩୧ରୁ ଖାଲି ପଡିଥିବା ନନ୍ଦପୁର ବିଇଓ ପଦବୀରେ ସେମିଳିଗୁଡା ବ୍ଲକ ଶିକ୍ଷାଧିକାରୀ ଚମେଲି ମଜୁମଦାର ରହିଛନ୍ତି। ସେ ସେମିଳିଗୁଡା ସହ ଏଠାରେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ତାଙ୍କୁ ଆର୍ଥିକ କାରବାର ନେଇ ଡ୍ରଇଂ କ୍ଷମତା ପ୍ରଦାନ କରାଯାଇଛି। ଫଳରେ ମାର୍ଚ୍ଚ ମାସରୁ ଦରମା ନ ପାଇ କର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନ୍ୟ କର୍ମଚାରୀମାନେ ଆଶ୍ୱସ୍ତ ହୋଇଛନ୍ତି।

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

ବୈପାରିଗୁଡା,୨୧।୪ (ଡି.ଏନ୍.ଏ.)- ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରି ଦୀର୍ଘ ଦିନ ଧରି ତାଙ୍କ ସହ ଶାରିରୀକ ସମ୍ପର୍କ ରଖିବା ଅଭିଯୋଗରେ ବୈପାରିଗୁଡା ପୋଲିସ୍ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ୍ ବାସିନ୍ଦା ସନ୍ତୋଷ ଦାସ (୨୩)। ୪ମାସ ତଳେ ସନ୍ତୋଷ ନାବାଳିକାଙ୍କୁ ଅପହରଣ କରି ନେଇଯିବା ସମ୍ପର୍କରେ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

### ନୂତନ ଲ୍ୟାମ୍ପସ୍ ପ୍ରତିଷ୍ଠା ନେଇ କମିଟି ଗଠନ

ଲକ୍ଷ୍ମୀପୁର,୨୧।୪ (ସ୍ୱ.ପ୍ର.)- କୋରାପଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ଭିତରଗଡ଼ ପଞ୍ଚାୟତ ଓ ଗୌଡ଼ଗୁଡ଼ା ପଞ୍ଚାୟତର ନୂତନ ଭାବେ ପଞ୍ଜୀକୃତ ହୋଇଥିବା ଚାଷୀଙ୍କ ପାଇଁ ଏକ ନୂତନ ଲ୍ୟାମ୍ପ ସ୍ଥାପନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାକ୍ରମେ ଲ୍ୟାମ୍ପସ ପାଇଁ ଏକ କମିଟି ଗଠନ ହୋଇଛି। ଏହି କମିଟିରେ ମୋଟ ୧୫ ଜଣଙ୍କୁ ସଭ୍ୟ ରୂପେ ନିଆଯାଇଛି। ସେମାନେ ହେଲେ ଭଗବତୀ ମୁଦୁଲି, ଗଣେଶ ସାଉନ୍ତା, ମେଘନାଦ ପ୍ରଧାନୀ,ବସୁଦେବ ଜମ୍ବେକା, ଲକ୍ଷ୍ମଣ ମୁଦୁଲି, ରାଧା ଦାମି, ତ୍ରିନାଥ ଦିଶାରି, ଶ୍ରୀଧର ଜାନି, ସେପତି ଜାନି, ମନ ନାୟକ, ମୋହନ ମୁଦୁଲି, ମନୋଜ ଜାନି, ଦୁଲବ ମହାନନ୍ଦିଆ, ମୁଗା ଦିଶାରି, ଗାୟତ୍ରୀ ସାଉନ୍ତା। ଏହି ସଭ୍ୟମାନଙ୍କ ସଭାପତି ରୂପେ ଭଗବତୀ ମୁଦୁଲି ମନୋନୀତ ହୋଇଛନ୍ତି। ଗୌଡ଼ଗୁଡ଼ାଠାରେ ଲ୍ୟାମ୍ପ ପ୍ରତିଷ୍ଠା ହେଲେ ଉଭୟ ଭିତରଗଡ଼ ଓ ଗୌଡ଼ଗୁଡ଼ା ପଞ୍ଚାୟତର ଚାଷୀ ଉପକୃତ ହେବେ । ଆଖପାଖରେ ଲ୍ୟାମ୍ପସ୍ ନ ଥିବାରୁ ଉଭୟ ପଞ୍ଚାୟତର ଚାଷୀ ସେମାନଙ୍କ ଗ୍ରାମଠାରୁ ୧୦/୧୨ କି.ମି. ଦୂର କାକିରିଗୁମା ଲ୍ୟାମ୍ପସ୍ ଉପରେ ନିର୍ଭର କରୁଛନ୍ତି। ବୈଠକରେ ପୂର୍ବତନ ଏମ୍ପି ଝିନ୍ନ ହିକକା, କାକିରିଗୁମା ଲ୍ୟାମ୍ପସ୍ ସଭାପତି ସାମୁଦ୍ରୁ ସାଉଁନ୍ତା, ପୂର୍ବତନ ସରପଞ୍ଚ ତମ୍ବରୁଧର ମୁଦୁଲି, ରଘୁନାଥ ସାଉଁନ୍ତା, ଉଦୟ ହିକକା, ଅନନ୍ତ ପ୍ରସାଦ ନାୟକ, କୌଶଲ୍ୟା ହିଲକା, ହରି ବାଘ, ଅଭି ମୁକ୍ତା ଚନ୍ଦ୍ର ମୁଦୁଲି, ଦ୍ରୋଣ ଖୋସ୍ଲା, ବାଲ୍ୟକୃଷ୍ଣ ନାୟକ, ଟଙ୍କଧର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ତପନ ଜମ୍ବେକା,ରବି ହୁଇକା ଓ ଧର୍ମେନ୍ଦ୍ର ସାଗର ପରିଚାଳନା କରିଥିଲେ।

# ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ

- ୪୩ ଡିଗ୍ରୀ ରହୁଛି ମାଲକାନଗିରି ଜିଲା ତାପମାତ୍ରା
- ଅଘୋଷିତ ବିଦ୍ୟୁତ୍ କାଟ୍ ଦ୍ୱିଗୁଣିତ କରିଛି ସମସ୍ୟା
- ବୈଠକରେ ସୀମିତ ରହିଛି ପ୍ରଶାସନର ସଚେତନତା



ପିଲାମାନେ ପୋଖରୀରେ ଗାଧୋଇ ମଜା ନେଉଛନ୍ତି ।

ମାଲକାନଗିରି,୨୧।୪(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ଏବେ ୪୩ ଡିଗ୍ରୀ ତାପମାତ୍ରା ରହୁଛି। ଏନେଇ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ କଷ୍ଟକୁ ଦ୍ୱିଗୁଣିତ କରିଛି। ଏଥିପାଇଁ ବରିଷ୍ଠ ନାଗରିକମାନେ ବେଶି କଷ୍ଟ ଭୋଗୁଛନ୍ତି। ପାନୀୟ ଜଳ ସମସ୍ୟା ଦେଖାଦେଉଛି। ଜିଲାରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଥିବା ବେଳେ ହାତଗଣତି କେତେକ ସ୍ଥାନକୁ ଛାଡିଦେଲେ ଅନ୍ୟ କେଉଁଠି ପ୍ରଶାସନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇନାହିଁ। ୧୫ ଦିନ ତଳେ ପ୍ରଶାସନ ଗ୍ରୀଷ୍ମ ଦାଉରୁ କିପରି ଜନସାଧାରଣ ସୁରକ୍ଷିତ ରହିବେ ସେନେଇ ସଚେତନ କରିବା ଲାଗି ଏକ ବୈଠକ ହୋଇଥିଲେ ସୁଦ୍ଧା ଏଯାଏ ଜନସାଧାରଣଙ୍କୁ ସଚେତନ କରାଯାଇ ନାହିଁ। ବିଭିନ୍ନ ରାଜପଥ ପାର୍ଶ୍ୱରେ ଥିବା ବିଶ୍ରାମାଗାର, ବିଭିନ୍ନ ଛକ ଓ ଜନଗହଳି ସ୍ଥାନରେ ଜଳଛତ୍ର ଖୋଲାଯାଇନାହିଁ। ବୈଠକର ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ସୀମିତ ରହିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜିଲାର ଅନେକ ପୁଷ୍କରିଣୀ ଜଳଶୂନ୍ୟ ହୋଇପଡ଼ିଲାଣି। ଫଳରେ ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳର ଗୃହପାଳିତ ପ୍ରାଣୀଙ୍କ ପାଇଁ ଜଳ ସମସ୍ୟା ଦେଖାଦେବ। ଯେଉଁଠି ପୁଷ୍କରିଣୀ ରହିଛି ସେଠାରେ ପିଲାମାନେ ବହୁ ସମୟ ଧରି ଗାଧୋଉଥିବା ଦେଖିବାକୁ ମିଳୁଛି। ଜିଲାର ୧୧୧ ପଞ୍ଚାୟତ ମଧ୍ୟରୁ ଅନେକ ପଞ୍ଚାୟତରେ ନଳକୂପଗୁଡିକ ଅଚଳ ହୋଇପଡିଛି। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକର ଅବସ୍ଥା ମଧ୍ୟ ତଦ୍ରୂପ। କେଉଁଠି ମୋଟର ପୋଡ଼ିଯାଇଛି ତ କେଉଁଠି ପାଇପ ଲାଇନ ନଷ୍ଟ ହୋଇଯାଇ ଜଳ ଯୋଗାଣ ନେଇ ସମସ୍ୟା ଉପୁଜିଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗତ ୨ମାସ ତଳୁ ଜିଲାର ଅନେକ ଅଞ୍ଚଳରେ ପାଇପ ଯୋଗେ ପ୍ରତି ଘରେ ପାନୀୟ ଜଳ ଯୋଗାଇଦେବାକୁ ଦାବି ହୋଇଥିଲେ ମଧ୍ୟ ଅନେକ ସ୍ଥାନରେ ପାଇପ ବିଛା କାର୍ଯ୍ୟ ଏବଂ ବୃହତ୍ ପାଣି ଟାଙ୍କି କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ସୂଚନାଯୋଗ୍ୟ, ବିଦ୍ୟୁତ୍ କାଟ୍ ଯୋଗୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନେଇ ସହର ଓ ଗ୍ରାମାଞ୍ଚଳରେ ସମସ୍ୟା ସୃଷ୍ଟି ହେଉଛି। ଖରାଦିନେ ବିଦ୍ୟୁତ୍ କାଟ୍ ନ କରିବା ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ସଜାଗ ରହିଛି ଜିଲା ମୁଖ୍ୟ ଚିକିତ୍ସାଳୟ

ମାଲକାନଗିରି,୨୧।୪(ଡି.ଏନ୍.ଏ.)

ପ୍ରବଳ ଗ୍ରୀଷ୍ମତାପକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି। ଅତ୍ୟଧିକ ଖରା ଯୋଗୁ ଅଂଶୁଘାତ ଆଶଙ୍କା ଥିବାରୁ ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୀତତାପ ନିୟନ୍ତ୍ରିତ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଛି। ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ୬ଟି ବେଡ୍, ୨ଟି ସବ୍ ଡିଭିଜନ ହସ୍ପିଟାଲ, ୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୨୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ କକ୍ଷ ଖୋଲାଯାଇଛି। ଗୋଟିଏ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଅଂଶୁଘାତ କକ୍ଷ ସହିତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହୋଇଛି। ଏହାବ୍ୟତୀତ ଜିଲାରେ ରାପିଡ୍ ରେସ୍‌ପଣ୍ଡ ଟିମ୍ ଗଠନ କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଚୁର ପରିମାଣରେ ଓଆର୍‌ଏସ୍ ଓ ଔଷଧ ଗଚ୍ଛିତ ରହିଛି। ଗତ ୩ ଦିନ ହେଲା ଜିଲାରେ ତାପମାତ୍ରା ବୃଦ୍ଧି ପାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଅଂଶୁଘାତ ଆକ୍ରାନ୍ତ ଚିକିତ୍ସାଳୟରେ ଭର୍ତ୍ତି ହୋଇନାହାନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ କହିଛନ୍ତି।

### ବିରଳ ବ୍ୟକ୍ତିତ୍ୱ ଥିଲେ ସଦାଶିବ

ଡ. ସଦାଶିବ ତ୍ରିପାଠୀଙ୍କ ଜିଲାସ୍ତରୀୟ ଜୟନ୍ତୀ



ମାଲକାନଗିର,୨୧।୪ (ଡି.ଏନ୍.ଏ)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ରାଜନୀତି କ୍ଷେତ୍ରରେ ବିରଳ ବ୍ୟକ୍ତିତ୍ୱ ଥିଲେ। ସେବା ମନୋବୃତି ନେଇ ଉତ୍ସର୍ଗୀକୃତ ଭାବେ ଓଡିଶାର ରାଜନୈତିକ ଇତିହାସକୁ ସେ ଗୌରବମୟ କରିଥିଲେ। ତାଙ୍କର ନିଃସ୍ୱାର୍ଥପର ସମାଜସେବା ତଥା ଅସୀମ ଦେଶଭକ୍ତି ଚିରଦିନ ସ୍ମରଣୀୟ ହୋଇ ରହିବ ବୋଲି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ସରୋଜ ଦାସ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର ମହାରଣା ଯୋଗ ଦେଇ ଉପରୋକ୍ତ ମତ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ସାମୁହିକ ବନ୍ଦନା ପାଠ କରିଥିଲେ।

### ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଇ-ପାଠଚକ୍ର

ସେମିଳିଗୁଡ଼ା/ସୁନାବେଡ଼ା, ୨୧।୪ (ସ୍ୱ.ପ୍ର.)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଅଷ୍ଟବିଂଶତମ ଇ-ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ଅଞ୍ଚଳର ଶିକ୍ଷା ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଆଲୋଚକଭାବେ ବୈପାରିଗୁଡ଼ା ଶିକ୍ଷାଧିକାରୀ ସଚିନ ମଲ୍ଲିକ ଯୋଗଦେଇ ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ରହିଥିବା ସମସ୍ୟା ଉପରେ ମତ ରଖିଥିଲେ। ପାଠଚକ୍ରରେ ଡ. ଖାନ୍ସୀ ସିଂହ ଅଧ୍ୟକ୍ଷତା କରିଥିଲେ। ସଂସଦର ରାଜ୍ୟ ଶାଖା ସଭାପତି ରମାନାଥ ପଣ୍ଡା, ଉପସଭାପତି ପ୍ରଫେସର ପ୍ରଳୟ ନନ୍ଦ, ସମ୍ପାଦକ ପ୍ରଫେସର ଚିତ୍ତରଞ୍ଜନ ନାୟକ, ସମ୍ଭାଗ ମୁଖ୍ୟ ରବୀନ୍ଦ୍ର ମହାରଣାଙ୍କ ସମେତ ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ ସରକାରୀ ମହାବଦ୍ୟାଳୟର ପ୍ରଫେସର ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କୁ କୋରାପୁଟ ଶାଖାର ସଭାପତି ଭାବେ ଚୟନ କରାଯାଇଥିଲା। ଅଧ୍ୟାପିକା ମାନସୀ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନମିତା ହୋତା ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

# ଆର୍‌ଟିଆଇରେ ତଥ୍ୟ ଦେଉନାହାନ୍ତି ସୂଚନା ଅଧିକାରୀ

ସୁନାବେଡ଼ା/ସେମିଳିଗୁଡ଼ା, ୨୧।୪(ସ୍ୱ.ପ୍ର.)

ଆର୍‌ଟିଆଇ ମାଧ୍ୟମରେ ଯେକୌଣସି ବ୍ୟକ୍ତି ତଥ୍ୟ ମାଗିପାରିବେ। ସେ ଚାହୁଁଥିବା ବିଭାଗର ତଥ୍ୟ ସୂଚନା ଅଧିକାର ଆଇନ ଅନୁସାରେ ସୂଚନା ଦେବାକୁ ସୂଚନା ଅଧିକାରୀ ବାଧ୍ୟ। ଏପରି ନିୟମ ସୂଚନା ଅଧିକାର ଆଇନରେ ରହିଥିଲେ ମଧ୍ୟ ଏହି ନିୟମକୁ କେତେକ କ୍ଷେତ୍ରରେ ଅଧିକାରୀମାନେ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା କୋରାପୁଟ ଜିଲା ସେମିଳିଗୁଡା ଅଞ୍ଚଳରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି, ସେମିଳିଗୁଡ଼ା ଅଞ୍ଚଳର ସତ୍ୟଜିତ୍ ସାମଲ ଗତ୩୦।୧୨।୨୦୨୨ ଓ ୨।୧।୨୦୨୩ରେ କୋରାପୁଟ ପୂର୍ତ୍ତ ବିଭାଗରୁ କିଛି ତଥ୍ୟ ଲାଗି ଦୁଇ ଦୁଇ ଥର ଆବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ସାମଲ ତଥ୍ୟ ତ ଦୂରର କଥା ତାଙ୍କ ଆବେଦନର ଉତ୍ତର ମଧ୍ୟ ପାଇ ପାରିନାହାନ୍ତି। ଏ ନେଇ ସେ କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କୁ ଜଣାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ବିଭାଗୀୟ ଅଧିକାରୀଙ୍କୁ ଆର୍‌ଟିଆଇ ଆଧାରରେ ତଥ୍ୟ ମାଗି ସେ ନିରାଶ ହୋଇଛନ୍ତି। ତାଙ୍କୁ ତଥ୍ୟ ନ ମିଳିଲେ ସେ ଆଗାମୀ ଦିନରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ମଧ୍ୟ କରିବେ। ଆବଶ୍ୟକ ହେଲେ ଏ ସମ୍ପର୍କରେ ସେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାମଲ କହିଛନ୍ତି। ଅନ୍ୟ ପକ୍ଷରେ ଅତିରିକ୍ତ ଜିଲାପାଳ ମାଝି ସତ୍ୟଜିତ୍‌ଙ୍କ ଆବେଦନ ଗ୍ରହଣ ନ କରି ଏହି ଅଭିଯୋଗ ସମ୍ପୃକ୍ତ ବିଭାଗୀୟ ଉପରିସ୍ଥ ଅଧିକାରୀ କିମ୍ବା ସୂଚନା ବିଭାଗୀୟ ସଚିବଙ୍କୁ ଜଣାଇବାକୁ ପରାମର୍ଶ ଦେଇଛନ୍ତି।

# ଅଭିଭାବକଶିକ୍ଷକ ବୈଠକ



ବୈଠକରେ ଉପସ୍ଥିତ ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ।

ଜୟପୁର,୨୧।୪(ନି.ପ୍ର.)

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶୁକ୍ରବାରଠାରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ଖରାଛୁଟି ଘୋଷଣା କରିଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ଅଭିଭାବକଶିକ୍ଷକ, ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସମସ୍ତ ବିଦ୍ୟାଳୟରେ ଏହି ବୈଠକ ହୋଇଥିଲା। ବୈଠକରେ ଛୁଟି ସମୟରେ ଛାତ୍ରୀଛାତ୍ର ଘରେ କିପରି ପାଠ ପଢ଼ିବେ, ଅଂଶୁଘାତରୁ କିପରି ଦୂରେଇ ରହିବେ ଏବଂ ପିଲାଙ୍କ ଷ୍ଟାଇପେଣ୍ଟ ସହ ସାଇକେଲ ଭତ୍ତାନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ତରଫରୁ ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ପାଠ୍ୟପୁସ୍ତକ ଯୋଗାଣ, ଗ୍ରୀଷ୍ମ ଛୁଟି ସମୟରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ବ୍ୟବସ୍ଥା, ବିଦ୍ୟାଳୟ ପରିମଳ ବ୍ୟବସ୍ଥା, ବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ପାଇଁ ଅଭିଭାବକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା ହୋଇଥିଲା। ସେପଟେ ଅଭିଭାବକମାନେ ଦାବି କରିଛନ୍ତି ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉ। ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ଦାସ ଚୌଧୁରୀ, ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଞ୍ଜନ ଗୌଡ଼, ରଶ୍ମିତା ନାହାକ, ଏନ. ପଦ୍ମାବତୀ, ପ୍ରଭାତୀ ପାଣିଗ୍ରାହୀ, ସିଆର୍‌ସିସି ସଂଯୁକ୍ତା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାର ଦାବି ନ ଶୁଣିଲେ ଅମଲା ସମୂହ ଛୁଟିରେ ଯିବେ

**ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ସମାବେଶ**





ସମାବେଶରେ ସାମିଲ ହୋଇଥିବା ଅମଲାମାନେ।

ମାଲକାନଗିର,୨୧।୪ (ଡି.ଏନ୍.ଏ)

ମାଲକାନଗିରି ସଦର ମହକୁମାରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଅମଲାଙ୍କ ଏକ ସମାବେଶ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତହସିଲ କାର୍ଯ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମାଲକାନଗିରି ଜିଲାର ବିଭିନ୍ନ ବିଭାଗର ଅମଲାମାନେ ସାମିଲ ହୋଇଥିଲେ। ସମାବେଶରେ ସେମାନେ ନିଜର ଗୋଟିଏ ମାତ୍ର ନ୍ୟାଯ୍ୟା ଦାବି ସ୍ନାତକଭିତ୍ତିକ ଯୋଗ୍ୟତା ହାରରେ ମୂଳ ଦରମା ୯୩୦୦ ଟଙ୍କା ସହିତ ଗ୍ରେଡ୍ ପେ ୪୨୦୦ ଓ ଲେଭଲ-୯ କରିବା ପାଇଁ ଦାବି କରିଥିଲେ। ସରକାର ଆଗାମୀ ୩୦ ତାରିଖ ମଧ୍ୟରେ ଯଦି କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ୩୦ରେ ରାଜ୍ୟ ମିଳିତ ଅମଲା ମଞ୍ଚ ତରଫରୁ ସରକାରଙ୍କୁ ଆଉ ଏକ ପତ୍ର ପ୍ରଦାନ କରାଯିବ। ପରେ ଯଦି କିଛି ସୁଫଳ ନ ମିଳେ ତେବେ ଆଗାମୀ ମେ ୨୨ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ସବୁ ଅମଲା କଳା ବ୍ୟାଜ୍ ପରିଧାନ କରି ଆନ୍ଦୋଳନ ପାଇଁ ଚେତାବନୀ ଦେବେ। ଏହା ସତ୍ତ୍ୱେ ଯଦି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଜୁନ୍ ୧ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ସବୁ ଅମଲା ସମୂହ ଛୁଟିରେ ଯିବେ ବୋଲି ସମାବେଶରେ ନିଷ୍ପତ୍ତି ହୋଇଛି।

# ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ଚିତ୍ରକୋଣ୍ଡା,୨୧।୪(ଡି.ଏନ.ଏ.)



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯନ୍ତ୍ରୀ ପଞ୍ଚାୟତର ଧାକଡ଼ପଦର ଗ୍ରାମରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏଏସ୍‌ପି (ମାଓବାଦୀ ଅପରେସନ) ମନୋଜ ସିଂ, ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେସିଅସ କିସପୋଟା, ପୁଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲି ଓ ଯୋଡ଼ାମ୍ବ ଥାନା ଅଧିକାରୀ ସଞ୍ଜୟ ପା, ଯନ୍ତ୍ରୀ ପଞ୍ଚାୟତ ସହ ଆଖପାଖ ଗ୍ରାମର ଗ୍ରାମ ମୁଖିଆ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ଧୋତି,ଶାଢି, ପିଲାଙ୍କୁ ପୋଷାକ, ପାଠ୍ୟପୋକରଣ,ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଏସ୍‌ପି ଙ୍କୁ ବିଭିନ୍ନ ଗ୍ରାମର ମୁଖିଆ ସେମାନଙ୍କ ଗ୍ରାମର ସମସ୍ୟା ସମ୍ପର୍କରେ କହିଥିଲେ।

### ଶିକ୍ଷକ-ଅଭିଭାବକ ବୈଠକ

ମାଲକାନଗିର,୨୧।୪ (ଡି.ଏନ୍.ଏ)

ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲ୍ଲୀ ପଞ୍ଚାୟତସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଧାନ ଶିକ୍ଷକ ରମେଶ ମହାରଣା ସଭାପତିତ୍ୱ କରିଥିଲେ। ନୂତନ ଶିକ୍ଷା ବର୍ଷରେ ପିଲାମାନଙ୍କ ପାଇଁ ଅବସରକାଳୀନ ଶିକ୍ଷା, ଗ୍ରୀଷ୍ମକାଳୀନ ଅଂଶୁଘାତ ସଚେତନତା, ଇଣ୍ଟରନେଟ ବ୍ୟବହାର ସତର୍କତା ବିଷୟରେ ଆଲୋଚନା ହୋଇଥିଲା। ଅଭିଭାବକଙ୍କ ସହ ପରିଚାଳନା କମିଟି ସଭ୍ୟାସଭ୍ୟ ମଧ୍ୟ ଉପସ୍ଥିତ ରହି ଆଲୋଚନା ବେଳେ ଛାତ୍ରୀଛାତ୍ରଙ୍କ ମୂଲ୍ୟବାନ ସମୟର ଠିକ୍ ଉପଯୋଗ ନେଇ ଗୁରୁତ୍ୱାରୋପ କରିଥିଲେ।

### ମହିଳା, ଶିଶୁ ବିକାଶ ପରାମର୍ଶଦାତାଙ୍କ ମାଲକାନଗିରି ଗସ୍ତ



ଉପସ୍ଥିତ ପରାମର୍ଶଦାତାଙ୍କ ସହ ଅତିଥି ଓ ଶିଶୁମାନେ ।

ମାଲକାନଗିର,୨୧।୪ (ଡି.ଏନ୍.ଏ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ପରାମର୍ଶଦାତା ସୁମିତ୍ରା ଜେନା ଶୁକ୍ରବାର ଦିନିକିଆ ମାଲକାନଗିରି ଗସ୍ତରେ ଜିଲାର ଶିଶୁ ଗୃହ, ସ୍ୱାଧାର ଗୃହ ଓ ସଖୀ ଗୃହ ପରିଦର୍ଶନ କରିଛନ୍ତି। ଏହି ସମୟରେ କୋରାପୁଟ ଜିଲାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଉପସ୍ଥିତ ଥିଲେ। ମାଲକାନଗିରି ଜିଲାର ପରିବର୍ତ୍ତନର ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ସୁଦେଷ୍ଣା ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁରାଧା ମହାନ୍ତିଙ୍କ ସହ ପରାମର୍ଶଦାତା ଜେନା ଆଲୋଚନା କରିଥିଲେ।

### ଜିଲାରେ ସ୍ୱାସ୍ଥ୍ୟ ସେବା ପରଖିଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ମାଲକାନଗିର,୨୧।୪ (ଡି.ଏନ୍.ଏ)

ମାଲକାନଗିରି ଜିଲାରେ ସ୍ୱାସ୍ଥ୍ୟ ସେବାର ସମୀକ୍ଷା ନେଇ ଶୁକ୍ରବାର ଜିଲା ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ନିରଞ୍ଜନ ମିଶ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଷୟର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ରୋଗୀ ସେବାର ସମୀକ୍ଷା କରି ଜିଲାରେ କୋଭିଡ ପାଇଁ ନିଆଯାଇଥିବା ପଦକ୍ଷେପ, ମ୍ୟାଲେରିଆ ନିରାକରଣର ସ୍ଥିତି ପରଖିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବହୁ ଅଧିକାରୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ବୈଠକରେ ଉପସ୍ଥିତ ଥିଲେ। ପରେ ଡ.ମିଶ୍ର ଜିଲାର ସ୍ୱାଭିମାନ ଅଞ୍ଚଳରେ ଥିବା ଯାନବାଇ ସ୍ୱାସ୍ଥ୍ୟକେନ୍ଦ୍ର, ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର, କୁଡୁମୁଲୁଗୁମମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗସ୍ତ କରି ସେଠାରେ ମଧ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମୀକ୍ଷା କରିଥିଲେ।

# କ୍ରୟକାରୀ ଜାଣୁନାହାନ୍ତି ନିଜେ ଜମି ମାଲିକ

**ମାଥିଲି ବ୍ଲକରେ ଜମି ଜାଲିଆତି**

ମାଥିଲି ,୨୧।୪(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ଜମି ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଜମି କ୍ରୟକାରୀ ଜାଣିନାହାନ୍ତି ସେ ବହୁକୋଟି ଅର୍ଥର ଜମି ମାଲକ। ଗରିବ ବ୍ୟକ୍ତିଙ୍କ ଦ୍ୱାରା କ୍ରୟ ହୋଇଛି କୋଟି କୋଟି ଟଙ୍କାର ଜମି। ମାଥିଲି ତହସିଲ ଅଧୀନରେ ଜମି ଦୁର୍ନୀତିର ସତ୍ୟତା ଏବେ ସାମ୍ନାକୁ ଆସିଛି। ମାଥିଲି ସଦର ହନୁମାନ ମନ୍ଦିର ନିକଟରେ ମାଥିଲିର ଜଣେ ଆଦିବାସୀ ବ୍ୟକ୍ତିଙ୍କଠାରୁ ୨୦ ଲକ୍ଷ ଟଙ୍କାରେ ଜୟପୁର ଅଞ୍ଚଳର ଜଣେ ଆଦିବାସୀ ଶ୍ରେଣୀର ବ୍ୟକ୍ତିଙ୍କ ନାମରେ ଜମି କ୍ରୟ କରାଯାଇଛି। ତେବେ ଜୟପୁର ଅଞ୍ଚଳର ସମ୍ପୃକ୍ତ ଆଦିବାସୀ ବ୍ୟକ୍ତିଙ୍କୁ ଡାଲ କରି ସ୍ଥାନୀୟ ଜମି ବ୍ୟବସାୟୀ ଏହି ଜମି କ୍ରୟ କରିଛନ୍ତି। ଆର୍ଥିକ ସ୍ୱଚ୍ଛଳ ନ ଥିବା ବ୍ୟକ୍ତି ଜଣକ କିପରି ମାଥିଲିରୁ ଜମି କିଣିନେଲେ ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଜମି କିଣିଥିବା ମାଲିକ ମଧ୍ୟ ନିଜେ ଜାଣୁନାହାନ୍ତି ତାଙ୍କ ନାମରେ ଜମି କ୍ରୟ ହୋଇଛି। ଜମି ରେଜିଷ୍ଟ୍ରେଶନ ଅଫିସରେ ସଲାସୁତରା ଚାଲିଥିବାରୁ କିଣାବିକାରେ କୌଣସି ଅସୁବିଧା ହେଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ନିକଟରେ ମଧ୍ୟ ଜଣେ ଅନୁସୂଚିତ ଜାତି ବର୍ଗର ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କାର ଜମି କ୍ରୟ ହୋଇଛି। ଜଣେ ଅନୁସୂଚିତ ଜାତି ବର୍ଗର ବ୍ୟକ୍ତିଙ୍କ ନାମରେ ହିଁ କ୍ରୟ କରି ତାଙ୍କ ଦ୍ୱାରା ଅନ୍ୟମାନଙ୍କୁ ବିକ୍ରି ହୋଇଛି। ଏ ସମସ୍ତ କାରବାର କାଗଜପତ୍ରରେ କରାଇ ଅର୍ଥ ଆତ୍ମସାତ୍ କରାଯାଉଛି। ଭିଜିଲାନ୍ସ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।



ଆଦିବାସୀଙ୍କ ନାମରେ ବିକ୍ରି କରାଯାଇଥିବା ଜମି।

# ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

**ଆୟୋଜକ ରହିଛି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

କୋରାପୁଟ,୨୧।୪(ସ୍ୱ.ପ୍ର. )





ମହୋତ୍ସବରେ ମଞ୍ଚାସୀନ ଅତିଥି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ କ୍ରୀଡ଼ା ଭାରତୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨ଦିନିଆ ଭାରତୀୟ ପାରମ୍ପରିକ କ୍ରୀଡ଼ା ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁବାସ ସରକାର ଏହାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପିଭି କ୍ରିଷ୍ଣା ଭଟ୍ଟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପାରମ୍ପରିକ କ୍ରୀଡ଼ା ଓ ଯୋଗର ମହତ୍ତ୍ୱ ଉପରେ ଆଲୋକପାତକରି ଛାତ୍ରୀଛାତ୍ରଙ୍କୁ ସମସ୍ତ ପ୍ରକାର କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେ ଦିନକୁ ଅତି କମ୍‌ରେ ୩୦ ମିନିଟ୍ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଭାରତୀର ସର୍ବଭାରତୀୟ ସାଧାରଣ ସମ୍ପାଦକ ରାଜ ଚୌଧୁରୀ ଆମ ସଂସ୍କୃତିରେ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅଲିମ୍ପିଆନ ଗୋପାଳ ସାଇନି, ଗୁଜରାଟ କ୍ରୀଡ଼ା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଯତୀନ ଏଚ୍. ସୋନି, କ୍ରୀଡ଼ା ଭାରତୀର ଯୁଗ୍ମ ସଚିବ ମଧୁମୟ ନାଥ, ଦାମୋଦର ପ୍ରଧାନ, ଭୂଦାନ ଆନ୍ଦୋଳନ କାର୍ଯ୍ୟକର୍ତ୍ତା କୃଷ୍ଣ ସିଂ, ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଡିନ୍ ପ୍ରଫେସର ଏନ୍. ସି. ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. କାକୋଲି ବାନାର୍ଜୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

